**ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମରିସସର ଜାତୀୟ ଦିବସ ଉତ୍ସବରେ ସେଠାକାର ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିଛନ୍ତି (12 ମାର୍ଚ୍ଚ, 2025)**

12 ମାର୍ଚ୍ଚ, 2025

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମରିସସ୍ ଗଣରାଜ୍ୟର 57ତମ ଜାତୀୟ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

2. ଉତ୍ସବ ସମୟରେ, ମରିସସ୍ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ ଶ୍ରୀ ଧର୍ମବୀର ଗୋଖୁଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମରିସସର ସର୍ବୋଚ୍ଚ ବେସାମରିକ ସମ୍ମାନ ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର୍ ଏଣ୍ଡ କୀ ଅଫ୍ ଦ ଇଣ୍ଡିଆନ୍ ଓସନ୍ (G.C.S.K) ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଥମ ଥର ପାଇଁ ଜଣେ ଭାରତୀୟ ନେତା ଏହି ସମ୍ମାନ ଗ୍ରହଣ କରୁଛନ୍ତି।

3. ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନକୁ ଭାରତ ଓ ମରିସସ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତ୍ୱ ଏବଂ ଭାରତର 1.4 ବିଲିୟନ୍ ଜନସାଧାରଣ ଏବଂ ମରିସସର 1.3 ମିଲିୟନ ଭାଇ ଓ ଭଉଣୀମାନଙ୍କୁ ସମର୍ପିତ କରିଥିଲେ।

4. ଜାତୀୟ ଦିବସ ସମାରୋହ ସମୟରେ ଭାରତୀୟ ନୌସେନା ମାର୍ଚିଙ୍ଗ୍ କଣ୍ଟିଜେଣ୍ଟ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଜାତୀୟ ଦିବସ ପାଳନ ଅବସରରେ ଏକ ଭାରତୀୟ ନୌସେନାର ଏକ ଜାହାଜ ମଧ୍ୟ ସେଠାକାର ବନ୍ଦରରେ ଉପସ୍ଥିତ ରହିଥିଲା।

ପୋର୍ଟ ଲୁଇସ୍

12 ମାର୍ଚ୍ଚ, 2025